# NATIONAL NEWS BULLETIN (ODIA)
## 21st April - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ସାଉଦି ଆରବକୁ ଦୁଇଦିନିଆ ଗସ୍ତରେ ଯାଇ ଆସନ୍ତାକାଲି ଜେଦାହ'ରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।
- ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟପ୍ରତି ସମର୍ପଣ ଭାବ ଏବଂ ପ୍ରତିବଦ୍ଧତାକୁ ସମ୍ମାନ ପ୍ରଦର୍ଶନସ୍ୱରୂପ ଆଜି ପାଳନ କରାଯାଉଛି ପ୍ରଶାସନିକ ସେବା ଦିବସ ।
- ଭାରତକୁ ଆଜିଠାରୁ ଚାରିଦିନିଆ ଗସ୍ତରେ ଆସୁଛନ୍ତି ଆମେରିକା ଉପରାଷ୍ଟ୍ରପତି ।
- ଜମ୍ମୁ-କାଶ୍ମୀରର ବର୍ଷା ପ୍ରଭାବିତ ରାମ୍‌ବନ୍ ଜିଲ୍ଲାରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଗୁଜରାଟ୍ ଟାଇଟନ୍‌ସ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ସାଉଦି ଭିଜିଟ୍

ସାଉଦି ଆରବକୁ ଦୁଇଦିନିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଜେଦାହ’ରେ ପହଞ୍ଚିବେ । ଗତ ୪ ଦଶନ୍ଧି ମଧ୍ୟରେ କୌଣସି ଭାରତୀୟ ଶୀର୍ଷ ନେତୃତ୍ୱଙ୍କର ସାଉଦି ଆରବର ବାଣିଜ୍ୟିକ ସହର ଜେଦାହ’କୁ ଏହା ପ୍ରଥମ ଗସ୍ତ ବୋଲି ଜଣାପଡ଼ିଛି । ଏହି ଗସ୍ତ ଭାରତ-ସାଉଦି ସମ୍ପର୍କକୁ ଅର୍ଥନୈତିକ, ପ୍ରତିରକ୍ଷା ଏବଂ ସାଂସ୍କୃତିକ କ୍ଷେତ୍ରରେ ବ୍ୟାପକ ରଣନୀତିକ ଭାଗିଦାରୀରେ ପରିଣତ କରିବ ବୋଲି ଆଶା କରାଯାଉଛି । ଉଭୟ ଦେଶ ମଧ୍ୟରେ ସୁଦୃଢ଼ ଏବଂ ବହୁମୁଖୀ ଅର୍ଥନୈତିକ ଭାଗିଦାରୀ ରହିଆସିଛି । ଦୁଇଦେଶ ମଧ୍ୟରେ ଶତାବ୍ଦୀ ପୁରାତନ ସମ୍ପର୍କ ରଣନୀତିକ ଭାଗିଦାରୀଦ୍ୱାରା ସୁଦୃଢ଼ ହେବ ବୋଲି କୁହାଯାଇଛି । ସାଉଦି ଆରବରେ ରହୁଥିବା ପ୍ରବାସୀ ଭାରତୀୟ ସେଠାକାର ଅର୍ଥନୈତିକ ଏବଂ ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି । ସାଉଦି ଆରବରେ ଭାରତୀୟ ଜନସଂଖ୍ୟା ପ୍ରାୟ ୨୭ ଲକ୍ଷକୁ ବୃଦ୍ଧି ପାଇଛି । ୨୦୨୩-୨୪ ବର୍ଷ ତୁଳନାରେ ଏହା ୧୦ ପ୍ରତିଶତ ବୃଦ୍ଧି ପଇଥିବା ଜଣାପଡ଼ିଛି । ଏହି ବୃଦ୍ଧି

ସାଉଦି ଅର୍ଥନୀତିର ଏକାଧିକ କ୍ଷେତ୍ରରେ ଭାରତୀୟ ପେସାଦାର ଏବଂ କର୍ମଚାରୀଙ୍କ ନିରନ୍ତର ଚାହିଦା ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ସାଉଦି ଆରବରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ଏବେ ଦ୍ୱିତୀୟ ବୃହତ୍ତମ ବୋଲି ଜଣାପଡ଼ିଛି । ସାଉଦି ଆରବର ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ 'ଭିଜନ-୨୦୩୦' ଅଧୀନରେ ନିର୍ମାଣ, ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସେବା ଓ ସମ୍ପ୍ରସାରଣ ଆଦି ବିଭିନ୍ନ କ୍ଷେତ୍ରରେ ଭାରତୀୟଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

ସାଉଦି ଆରବ ଭାରତର ପଞ୍ଚମ ବୃହତ୍ତମ ବାଣିଜ୍ୟ ସହଯୋଗୀ ହୋଇଥିବାବେଳେ ଭାରତ ସାଉଦି ଆରବର ଦ୍ୱିତୀୟ ବୃହତ୍ତମ ବାଣିଜ୍ୟ ସହଯୋଗୀ ଭାବେ ଉଭା ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ସାଉଦି ଆରବରୁ ଭାରତ ୩୧ ଦଶମିକ ୪/୨ ବିଲିୟନ୍ ଆମେରିକୀୟ ଡଲାର ଆମଦାନୀ କରିଛି । ଅପରପକ୍ଷରେ ସାଉଦି ଆରବକୁ ୧୧ ଦଶମିକ ୫/୬ ବିଲିୟନ୍ ଆମେରିକୀୟ ଡଲାର ପହଞ୍ଚାଇବା ସହିତ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ବୃଦ୍ଧି ପାଇଛି । ସେହିପରି ଅଶୋଧିତ ତୈଳ, ଏଲ୍.ପି.ଜି., ସାର, ରସାୟନ ଏବଂ ପ୍ଲାଷ୍ଟିକ୍ ଉତ୍ପାଦ ଆଦି ଭାରତ ସେଠାରୁ ଆମଦାନୀ କରୁଛି । ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ପୁଞ୍ଜିନିବେଶକୁ ସୁଦୃଢ଼ କରିବାର ଆଶା କରାଯାଉଛି ।

## ପି.ଏମ୍. - ସିଭିଲ୍ ସର୍ଭାଣ୍ଟ ଡେ

ପ୍ରଶାସନିକ ସେବା ଦିବସ ଆଜି ପାଳନ କରାଯାଉଛି । ୧୯୪୭ ମସିହାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ପ୍ରଶାସନିକ ସେବା ଅଧିକାରୀଙ୍କ ଶିକ୍ଷାନବୀଶଙ୍କୁ ସମ୍ବୋଧନ କରିବାର ସ୍ମରଣରେ ଏହି ଦିବସ ପାଳିତ ହୋଇଆସୁଛି । ଦେଶରେ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟ ପ୍ରତି ସମର୍ପଣ ଭାବ ଏବଂ ଜନସେବା ପ୍ରତି ପ୍ରତିବଦ୍ଧତାକୁ ସମ୍ମାନ ପ୍ରଦର୍ଶନ କରିବା ଏହି ଦବସ ପାଳନର ମୂଳଲକ୍ଷ୍ୟ । ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶାସନିକ ଅଧିକାରୀଙ୍କ ସମ୍ମିଳନୀକୁ ସମ୍ବୋଧନ କରିବେ। ସାଧାରଣ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ପ୍ରଶାସନିକ ଅଧିକାରୀଙ୍କୁ ଏହି ଅବସରରେ 'ପ୍ରଧାନମନ୍ତ୍ରୀ ପୁରସ୍କାର' ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ଜିଲ୍ଲାର ସାମଗ୍ରୀକ ବିକାଶ, ବ୍ଲକସ୍ତରୀୟ ଆକାଂକ୍ଷୀ କାର୍ଯ୍ୟକ୍ରମ, ଉଦ୍ଭାବନ ଆଦି କ୍ଷେତ୍ରରେ ୧୬ଟି ପୁରସ୍କାର ପ୍ରଦାନ କରିବେ ।

## ୟୁ.ଏସ୍. ଭି.ପି. ଇଣ୍ଡିଆ ଭିଜିଟ୍

ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଚାରିଦିନିଆ ଗସ୍ତରେ ଭାରତ ଆସି ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିବେ । ଶ୍ରୀ ଭାନ୍ସଙ୍କ ସହ ତାଙ୍କ

ପରିବାର ଏବଂ ଆମେରିକା ପ୍ରଶାସନର ଏକ ଉଚ୍ଚପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସୁଛନ୍ତି । ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କଲାପରେ ଶ୍ରୀ ଭାନ୍ସଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଶ୍ରୀ ଭାନ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି ଶ୍ରୀ ଭାନ୍ସ ଏବଂ ତାଙ୍କ ସହ ଆସିଥିବା ପ୍ରତିନିଧିମଣ୍ଡଳୀ ନୂଆଦିଲ୍ଲୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ଜୟପୁର  ଏବଂ ଆଗ୍ରା ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି ।  ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ସମ୍ବାଦଦାତା :

***Voice*** :..........

## ଜେ.କେ. - ରେସ୍କ୍ୟୁ ଅପରେସନ୍ସ୍

ଜମ୍ମୁ-କାଶ୍ମୀରର ରାମ୍ବନ୍ ଜିଲ୍ଲାର ବର୍ଷା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଅଞ୍ଚଳରେ ଆଜି ମଧ୍ୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଯାନବାହନ ଚଳାଚଳକୁ ସ୍ୱାଭାବିକ କରିବା ଲାଗି କର୍ତ୍ତୃପକ୍ଷ ପ୍ରୟାସ ଜାରି ରଖିଛନ୍ତି । ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ସେହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଭୂସ୍ଖଳନରେ ଗତକାଲି ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ବିଭିନ୍ନ ଅଞ୍ଚଳରେ ସଡ଼କ ଯୋଗାଯୋଗ

ବ୍ୟାହତ ହୋଇଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଏସ୍.ଡି.ଆର.ଏଫ୍. ଏବଂ ସେନା ସହିତ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତା ପ୍ରଦାନ କରୁଛନ୍ତି । ରାମ୍‌ବନ୍ ଜିଲ୍ଲାର ଉପାୟୁକ୍ତ ବସୀର-ଉଲ୍-ହକ୍ ଚୌଧୁରୀ କହିଛନ୍ତି, ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଗମନାଗମନକୁ ସ୍ୱାଭାବିକ କରିବାକୁ ପ୍ରଶାସନ ପ୍ରାଥମିକତା ପ୍ରଦାନ କରିଛି । ୪୮ ଘଣ୍ଟା ମଧ୍ୟରେ ଏହା ସ୍ୱାଭାବିକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

## ଅଶ୍ୱିନୀ - ଡି.ବି.ଟି.

ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସିଧାସଳଖ ସୁବିଧା ହସ୍ତାନ୍ତର ଅର୍ଥ ବାଟମାରଣାକୁ ରୋକିପାରିଛି ବୋଲି ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଭାରତର ଡି.ବି.ଟି. ବ୍ୟବସ୍ଥାର ସଫଳତା ଶୀର୍ଷକ ଏକ ସମୀକ୍ଷାରେ ଉଦାହରଣ ଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ପଦକ୍ଷେପ ୩ ଲକ୍ଷ ୪୮ ହଜାର କୋଟି ଟଙ୍କା ସଞ୍ଚୟ କରିଛି । ହିତାଧିକାରୀଙ୍କର ପରିସୀମା ମଧ୍ୟ ୧୬ ଗୁଣ ବୃଦ୍ଧି ପାଇଛି । ଏହି

ବ୍ୟବସ୍ଥା ସ୍ୱଚ୍ଛତା ବୃଦ୍ଧି, ଅର୍ଥ ହେରଫେରକୁ ପ୍ରତିହତ, ସଠିକ୍ ପାଣ୍ଠି ବଣ୍ଟନକୁ ସୁନିଶ୍ଚିତ କରିଛି । ସେ କହିଚନ୍ତି, ଆଧାର ଲିଙ୍କ୍ ପ୍ରମାଣୀକରଣ ଏ କ୍ଷେତ୍ରକୁ ଅଧିକ ସ୍ୱଚ୍ଛ ଏବଂ ସୁଦୃଢ଼ କରିଛି । ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚିବାରେ ଏହି ପଦକ୍ଷେପ ବିଶେଷ ସହାୟକ ହୋଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପାଲେଷ୍ଟିନୀଆନ୍ସ - କିଲ୍ଡ୍

ଗାଜାରେ ଗତକାଲି ଇସ୍ରାଏଲ୍‌ର ଆକ୍ରମଣ ଯୋଗୁଁ ଅତି କମ୍‌ରେ ୨୯ ଜଣ ପାଲେଷ୍ଟାଇନ୍ ନାଗରିକଙ୍କର ମୃତ୍ୟୁ ଘଟିଛି । ଗାଜାର ବେସାମରିକ ପ୍ରତିରକ୍ଷା ବିଭାଗ ଦେଇଥିବା ସୂଚନା ଅନୁଯାୟୀ କେନ୍ଦ୍ରୀୟ ଗାଜାରେ ଇସ୍ରାଏଲ୍‌ର ଆକାଶମାର୍ଗରୁ ଆକ୍ରମଣରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବହୁ ଲୋକ ଆହତ ହୋଇଛନ୍ତି । ଦକ୍ଷିଣ ଗାଜାରେ ଏକ ଅସ୍ଥାୟୀ ଶିବିର ଉପରେ ଇସ୍ରାଏଲ୍‌ର ଡ୍ରୋନ୍ ଆକ୍ରମଣ ଯୋଗୁଁ ଜଣେ ପାଲେଷ୍ଟାଇନ୍ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଉତ୍ତର ଗାଜାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ମାନସିକ ସ୍ୱାସ୍ଥ୍ୟ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍ସ୍‌ର ମାନସିକ ରୋଗ ବିଭାଗ ପ୍ରଫେସର ଡାକ୍ତର ରାଜେଶ ସାଗର ଏବଂ ଭେଷଜ ବିଭାଗ ପ୍ରଫେସର ଡାକ୍ତର ପୀୟୁଷ ରଞ୍ଜନ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ ଏକ୍ସରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି

ମ୍ୟାଚ୍‌ରେ ମୁମ୍ବାଇ ୯ ୱିକେଟ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ହରାଇ ଦେଇଛି । ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରିବାକୁ ଚେନ୍ନାଇକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ଚେନ୍ନାଇ ୫ ୱିକେଟ୍ ବିନିମୟରେ ୧୭୬ ରନ୍ ସଂଗ୍ରହ କରିଥିଲା । ୧୭୭ ରନ୍‌ର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ୨୬ଟି ବଲ୍ ବାକିଥାଇ ୧ ୱିକେଟ୍ ବିନିମୟରେ ହାସଲ କରିଥିଲା ।

ଗତକାଲିର ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୭ ୱିକେଟ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଥିଲା । ଚଣ୍ଡୀଗଡ଼ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ବେଙ୍ଗାଲୁରୁ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପଞ୍ଜାବ କିଙ୍ଗ୍‌ସ୍ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍‌ରେ ୧୫୭ ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ବେଙ୍ଗାଲୁରୁ ୧୮ ଓଭର ୫ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା ।

ଆଜି କୋଲ୍‌କାତାର ଇଡେନ୍ ଗାର୍ଡ଼େନ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଗୁଜରାଟ୍ ଟାଇଟନ୍‌ସ ମଧ୍ୟରେ ମୁକାବିଲା ହେବ ।

## କଳିଙ୍ଗ ସୁପର୍ କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍‌ରେ କଳିଙ୍ଗ ସୁପର୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଗତକାଲି କେରଳ ବ୍ଲାଷ୍ଟର୍ସ ଏଫ୍.ସି. ଏବଂ

ଇଷ୍ଟ ବେଙ୍ଗଲ ଏଫ୍.ସି. ମଧ୍ୟରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍.ସି. ବିଜୟୀ ହୋଇଛି । ଆଜି ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ଦ୍ୱିତୀୟ ପ୍ରି-କ୍ୱାର୍ଟର୍ ଫାଇପନାଲ୍‌ରେ ଗୋକୁଲମ୍ କେରଳ ଏଫ୍.ସି ଏବଂ ଗୋଆ ଏଫ୍.ସି ତଥା ରାତି ୮ଟାରେ ତୃତୀୟ ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ଓଡ଼ିଶା ଏଫ୍.ସି ଏବଂ ପଞ୍ଜାବ୍ ଏଫ୍.ସି. ମଧ୍ୟରେ ମୁକାବିଲା ହେବ । ଗତକାଲି ଉଦ୍‌ଘାଟନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ ।

*****